# NATIONAL NEWS BULLETIN (ODIA)

## 29 November - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ତିନିଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– ଏନ୍.ଡି.ଏ. ସରକାର ଅମଳରେ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହୋଇଛି, ବିମାନ ବନ୍ଦର ନିକଟରେ ଜନସଭାକୁ ସମ୍ବୋଧିତ କରି କହିଲେ ପ୍ରଧାନମନ୍ତ୍ରୀ ।

- ଭୁବନେଶ୍ୱର ଲୋକସଭା ଭବନରେ ଅଣଷଠୀ ତମ ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ ସମ୍ମିଳନୀକୁ ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।
- ବିଶ୍ୱ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା କରିବା ପାଇଁ ଭାରତ ସର୍ବଦା ଅଗ୍ରଣୀ ରହିଛି, କହିଲେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ।
- ନୂଆଦିଲ୍ଲୀ ଠାରେ ଫିଜି ଉପପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- ଗୌହାଟୀରେ ଅନୁଷ୍ଠିତ ଉତ୍ତର-ପୂର୍ବ ପାରାଅଲିମ୍ପିକ୍ କ୍ରୀଡ଼ାରେ ୯ଟି ସ୍ୱର୍ଣ୍ଣ ସହ ୨୩ଟି ପଦକ ଜିତିଲା ତ୍ରିପୁରା ।

## ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ଓଡ଼ିଶାରେ ମହିଳାଙ୍କ ବିକାଶକୁ ଦୃଷ୍ଟିରେ ରଖି ସୁଭଦ୍ରା ଯୋଜନାର ଆରମ୍ଭ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ପୋଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ ଯୋଗଦେବା ଲାଗି ତିନିତିନିଆ ଓଡ଼ିଶା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବା ପରେ ବିମାନ ବନ୍ଦର ନିକଟରେ ଏକ ଜନସଭାକୁ ସମ୍ବୋଧିତ କରିଛନ୍ତି । ଏନ୍‌ଡିଏ ସରକାର ଅମଳରେ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହୋଇଛି ଏବଂ ଆଗାମୀ ଦିନରେ ଓଡ଼ିଶା ବିଶ୍ୱସ୍ତରରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କ୍ରୀଡ଼ାକ୍ଷେତ୍ରରୁ ଆରମ୍ଭ କରି ଶିକ୍ଷା ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଓଡ଼ିଶାର ବିକାଶ ଶିଖର ଛୁଇଁଛି । ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀ, ନୌସେନା ଦିବସ ଓ ପ୍ରବାସୀ ଭାରତୀୟ ଦିବସ ଭଳି ବିଶ୍ୱସ୍ତରର କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଥିବାରୁ ପୃଥିବୀର କୋଣ ଅନୁକୋଣରୁ ଲୋକମାନେ ଓଡ଼ିଶା ଆସିବେ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଉତ୍କର୍ଷ ଉତ୍କଳ ଅଭିଯାନ ପାଇଁ ଭାରତୀୟ ଜନତା ପାର୍ଟି କାର୍ଯ୍ୟ କରୁଛି ବୋଲି ଶ୍ରୀ ମୋଦୀ

କହିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣ ଶେଷ କରି ରାଜଭବନ ଯାଇଛନ୍ତି ।

ପ୍ରଧାନମନ୍ତ୍ରୀଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱାଗତ ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଲିସ ସମ୍ମିଳନୀ

ଅଣଷଠୀ ତମ ସର୍ବଭାରତୀୟ ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀ ଆଜି ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଲୋକସେବା ଭବନରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି। ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମେତ ବିଭିନ୍ନ ରାଜ୍ୟର ପୋଲିସ ଅଧିକାରୀ, ପୋଲିସ ସଂସ୍ଥାମାନଙ୍କ ମୁଖ୍ୟ ଏବଂ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଏହି ସମ୍ମିଳନୀରେ ଆସନ୍ତାକାଲି ଏବଂ ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପସ୍ଥିତ ରହିବେ। ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗଗୁଡ଼ିକ ଉପରେ ବରିଷ୍ଠ ସୁରକ୍ଷା ଅଧିକାରୀମାନଙ୍କ ସହିତ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସମେତ ଅନ୍ୟ ଅଧିକାରୀମାନେ

ଆଲୋଚନା କରିବେ । ଆଭ୍ୟନ୍ତରୀଣ ନିରାପତ୍ତା, ନୂଆ ଅପରାଧ ଆଇନ, ସାମୁଦ୍ରିକ ନିରାପତ୍ତା, ସାଇବର ଅପରାଧ, ମାଓ ଦମନ, କୃତ୍ରିମ ବୁଦ୍ଧିମତା ଏବଂ ସନ୍ତ୍ରାସବାଦକୁ ପ୍ରତିହତ କରିବା ନେଇ ସମ୍ମିଳନୀରେ ଆଲୋଚନା ହେବ । ରାଷ୍ଟ୍ରପତି ପୁଲିସ ପଦକ ପାଇଥିବା ଅଧିକାରୀମାନଙ୍କୁ ସମ୍ମିଳନୀରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି ।

## ରାଜେନ୍ଦ୍ର ପ୍ରସାଦ

ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ କହିଛନ୍ତି, ବିଶ୍ୱ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା କରିବା ପାଇଁ ଭାରତ ସର୍ବଦା ଅଗ୍ରଣୀ ରହିଛି । ନୂଆଦିଲ୍ଲୀରେ ଆକାଶବାଣୀ ପକ୍ଷରୁ ଆୟୋଜିତ ଡକ୍ଟର ରାଜେନ୍ଦ୍ର ପ୍ରସାଦ ସ୍ମାରକୀ ବକ୍ତୃତା ୨୦୨୪ରେ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା କହିଛନ୍ତି । ବକ୍ତୃତାର ବିଷୟବସ୍ତୁ ଥିଲା 'ବୈଶ୍ୱିକ କ୍ଷିତିଜ୍ ପର୍ ଭାରତ କି ବଢ଼ତି ଭୂମିକା' । ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଭଳି ନେତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଆଜି ସମଗ୍ର ବିଶ୍ୱରେ ଏକ ବିଶ୍ୱସ୍ତରୀୟ ନେତା ଭାବେ ଅନୁପ୍ରାଣିତ ହୋଇ ଆଜି ସମଗ୍ର ବିଶ୍ୱରେ ଭାରତ ବିଶ୍ୱସ୍ତରୀୟ ନେତୃତ୍ୱ ନେଇ ପରିଚିତ ହୋଇଛି ବୋଲି ସେ କହିଛନ୍ତି । ଦେଶର ବିକାଶରେ ପୂର୍ବତନ ରାଷ୍ଟ୍ରପତି ତଥା ଭାରତ ରତ୍ନ ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଅବଦାନ ଉପରେ ଶ୍ରୀ ହରିବଂଶ ଆଲୋକପାତ କରିଥିଲେ ।

ସମାଜର କଲ୍ୟାଣ ପାଇଁ ଶ୍ରୀ ପ୍ରସାଦ ତାଙ୍କ ଯାତ୍ରାରେ ସମ୍ମୁଖୀନ ହୋଇଥିବା ପ୍ରତିବନ୍ଧକ ବିଷୟରେ  ସେ ଉଲ୍ଲେଖ କରିଥିଲେ । ରାଜେନ୍ଦ୍ର ପ୍ରସାଦଙ୍କ ଅବଦାନ ପୁଅ ଜୀବନ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉପରେ ରାଜ୍ୟସଭା ଉପାଧ୍ୟକ୍ଷ ଗୁରୁତ୍ୱାରୋପ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ପ୍ରସାର ଭାରତୀ ସି.ଇ.ଓ. ଗୌରବ ଦ୍ୱିବେଦୀ ଯୋଗଦେଇ ଆକାଶବାଣୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଆକାଶବାଣୀର ଉତ୍ପତ୍ତି ହେବା ଠାରୁ ଏହା ଦେଶର ସ୍ୱର ଭାବେ ପରିଗଣିତ ହୋଇ ଆସୁଛି ବୋଲି ଶ୍ରୀ ଦ୍ୱିବେଦୀ କହିଥିଲେ । ସେ କହିଥିଲେ, ଆକାଶବାଣୀ ପ୍ରତ୍ୟେକ ପିଢ଼ି ପାଇଁ ସମ୍ବାଦ ପରିବେଷଣ କରି ସଚେତନତା ସୃଷ୍ଟି କରି ଆସିବା ସହ ଏହାର କୋଟି କୋଟି ଶ୍ରୋତାମାନଙ୍କ ପାଇଁ ସେ ଆଗ୍ରହପୂର୍ଣ୍ଣ ଏବଂ ଗୁଣବତ୍ତା କାର୍ଯ୍ୟକ୍ରମ ମଧ୍ୟ ପ୍ରସାରଣ କରୁଛି । ସାଧାରଣ ଲୋକଙ୍କ ପ୍ରସାରକ ହିସାବରେ ଆକାଶବାଣୀର ଭୂମିକା ଅନ୍ୟ ଗଣମାଧ୍ୟମ ଅପେକ୍ଷା ବହୁତ ବ୍ୟାପ୍ତ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଆକାଶବାଣୀ ମହାନିର୍ଦ୍ଦେଶକ ପ୍ରଜ୍ଞା ପାଲିୱାଲ୍ ଗୌର ମଧ୍ୟ ଉପସ୍ଥିତ ଥିଲେ ।

# ବିହାର-ସୀତାରମଣ

କିଷାନ କ୍ରେଡିଟ୍ କାର୍ଡ ଯୋଜନାକୁ ମତ୍ସ୍ୟ, ପଶୁପାଳନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସାମିଲ କରି ବିବିଧତା ଆଣିଛୁ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ବିହାରର ଦରଭଙ୍ଗାରେ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମରେ ସମ୍ବୋଧିତ କରି ଶ୍ରୀମତୀ ସୀତାରମଣ କହିଛନ୍ତି, ଆମର ଧ୍ୟାନ ମହିଳା ସଶକ୍ତିକରଣ ଉପରେ ରହିଛି । ତେଣୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନରେ କେନ୍ଦ୍ର ବଜେଟ୍‌ରେ ମହିଳା ନେତୃତ୍ୱାଧୀନ ବଜେଟ୍ ଭାବରେ ରୂପାନ୍ତରିତ କରାଯାଇଛି । ଏହି ପଦକ୍ଷେପ ଭାରତକୁ କିଛି ବର୍ଷ ମଧ୍ୟରେ ବିଶ୍ୱରେ ତୃତୀୟ ବୃହତମ ଅର୍ଥନୀତିରେ ପରିଣତ କରିବାରେ ସାହାଯ୍ୟ କରିବ ବୋଲି ସେ କହିଛନ୍ତି । ଡ୍ରୋନ୍ ଦିଦି ପ୍ରକଳ୍ପ ଏବଂ ସେମାନଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣ ଓ ଦକ୍ଷତା ଉନ୍ନତିକରଣ କରାଯାଇଛି । ଏହାଛଡ଼ା ଅନ୍ୟାନ୍ୟ ବ୍ୟାଙ୍କ୍ ଗୁଡ଼ିକ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ସଶକ୍ତିକରଣ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ଏହି କାର୍ଯ୍ୟକ୍ରମ ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମରେ ୧ହଜାର ୩୮୮ କୋଟି ଟଙ୍କାର ବିଭିନ୍ନ ଯୋଜନାରେ ୪୯ ହଜାରରୁ ଅଧିକ ହିତାଧିକାରୀଙ୍କୁ ଋଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶୱାନ୍, ଉପମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧୁରୀ, ଜେ.ଡି.ୟୁ. ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି ସଞ୍ଜୟ ଝାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ ।

# ଜୟଶଙ୍କର-ଫିଜି

ନୂଆଦିଲ୍ଲୀ ଠାରେ ଫିଜିର ଉପପ୍ରଧାନମନ୍ତ୍ରୀ ମାନୋଆ କାମିକାମିକା ଆଜି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଭାରତରେ ଚାଲିଥିବା ସମବାୟ ଏବଂ ଅନ୍ୟାନ୍ୟ ବିକାଶ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଶ୍ରୀ କାମିକାମିକାଙ୍କ ସକାରାତ୍ମକ ପ୍ରତିକ୍ରିୟା ଶୁଣି ଡକ୍ଟର ଜୟଶଙ୍କର ଆନନ୍ଦ ପ୍ରକଟ କରିଛନ୍ତି । ଉଭୟ ନେତା ଜୈବିକ କୃଷି, ବୈଷୟିକ ଜ୍ଞାନକୌଶଳର ଉପଯୋଗ ଏବଂ ଡିଜିଟାଲ୍ ଜ୍ଞାନକୌଶଳ ଆଦିର ପ୍ରୟୋଗ ସମ୍ପର୍କରେ ଆଲୋଚନା କରିଥିଲେ । ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆଗକୁ ନେବା ପାଇଁ ଶ୍ରୀ କାମିକାମିକାଙ୍କ ସମର୍ଥନକୁ ଡକ୍ଟର ଜୟଶଙ୍କର ପ୍ରଶଂସା କରିଛନ୍ତି ।

# ମହା-ବସ୍ ଆକ୍ସିଡେଣ୍ଟ

ମହାରାଷ୍ଟ୍ରର ଗୋଣ୍ଡିଆ ଜିଲ୍ଲାର ସଡ଼କ ଅର୍ଜୁନି ଠାରେ  ଏକ ବସ୍ ଦୁର୍ଘଟଣା ଘଟି ୯ ଜଣ ଲୋକ ପ୍ରାଣ ହରାଇଛନ୍ତି ।  ରାଜ୍ୟ ସଡ଼କ ପରିବହନ ନିଗମର ଏକ ଯାତ୍ରୀବାହୀ ବସ୍ ଆଜି ଅପରାହ୍ଣରେ ଭଣ୍ଡାରାରୁ ଗୋଣ୍ଡିଆ ଅଭିମୁଖେ ଯାତ୍ରା ବେଳେ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଏହି ଦୁର୍ଘଟଣାରେ ୯ ଜଣ ଯାତ୍ରୀ ଘଟଣା ସ୍ଥଳରେ ପ୍ରାଣ ହରାଇଥିବା ବେଳେ ପ୍ରାୟ ୩୦ ଜଣ ଆହତ ହୋଇ ଗୋଣ୍ଡିଆ ଜିଲ୍ଲା

ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି । ଏହି ଦୁର୍ଘଟଣାରେ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଣାବିସ୍ ସମବେଦନା ଜଣାଇବା ସହ ଆହତମାନଙ୍କୁ ସମସ୍ତ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ପ୍ରାଣ ହରାଇଥିବା ଆତ୍ମୀୟ ସ୍ୱଜନଙ୍କୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକମାନଙ୍କ ପ୍ରତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ପ୍ରାଣ ହରାଇଥିବା ନିକଟତମ ଆତ୍ମୀୟ ସ୍ୱଜନଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବା ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ଦେବା ପାଇଁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ଗୌହାଟୀ-ପାରାଅଲିମ୍ପିକ୍

ଗୌହାଟୀରେ ଅନୁଷ୍ଠିତ ଉତ୍ତର ପୂର୍ବ ପାରାଅଲିମ୍ପିକ୍ କ୍ରୀଡ଼ାରେ ତ୍ରିପୁରା ଦଳ ୯ଟି ସ୍ୱର୍ଣ୍ଣ ସହ ୨୩ଟି ପଦକ ଜିତିଛି । ଆଥଲେଟିକ୍ସରେ ଦୃଷ୍ଟିହୀନ ଖେଳାଳି ମହମ୍ମଦ ଅମଜାଦ୍ ହୁସେନ ଏକାକୀ ତିନୋଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସୁଶାନ୍ତ ନାମା ତିନୋଟି ରୌପ୍ୟ ଓ ଗୋଟିଏ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।  କ୍ରୀଡ଼ାବିତ୍ ନୟନଚନ୍ଦ୍ର ରାୟ ବ୍ରୋଞ୍ଜ ପଦକ

ଜିତିଛନ୍ତି । ସେହିପରି ସନ୍ତରଣ ପ୍ରତିଯୋଗିତାରେ ରାଜ୍ୟଦଳ ୫ଟି ସ୍ୱର୍ଣ୍ଣ ପଦକ ସହ ୧୬ଟି ପଦକ ଜିତିଛନ୍ତି । ଆସାମ ପାରା ଅଲିମ୍ପିକ୍ ସଂଘ ଆନୁକୂଲ୍ୟରେ ଗତ ୨୭ ତାରିଖରୁ ଗୌହାଟୀର ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଥିବା ଏହି ତିନି ଦିନିଆ ପ୍ରତିଯୋଗିତା ଆଜି ଶେଷ ହୋଇଛି ।

# ଦିଲ୍ଲୀ ପଲ୍ୟୁସନ୍

ଜାତୀୟ ରାଜଧାନୀ ଦିଲ୍ଲୀର ବାୟୁ ଗୁଣବତ୍ତା ଅତ୍ୟନ୍ତ ନିମ୍ନମାନର ରହିଥିବା ନେଇ ସୂଚନା ମିଳିଛି । ଆଜି ସନ୍ଧ୍ୟା ୫ଟା ସୁଦ୍ଧା ବାୟୁ ଏ.କ୍ୟୁ.ଆଇ. ମାନ ୩୩୧ ରହିଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଇଛି, ସହରର କେତେକ ଅଞ୍ଚଳରେ ଏହାର ମାନ ୪୦୦ ସ୍ତର ଛୁଇଁଛି । ଦିଲ୍ଲୀ ଭାବନା ଷ୍ଟେସନ୍ ଅଞ୍ଚଳରେ ଏ.କ୍ୟୁ.ଆଇ. ମାନ ୪୨୬ ଥିବାବେଳେ ବୁରାରିରେ ୪୨୫, ମୁଣ୍ଡକାରେ ୪୦୬, ଆନନ୍ଦ ବିହାରରେ ୩୮୯, ସାଦିପୁରରେ ୩୯୪, ଜାହାଙ୍ଗୀରପୁରୀରେ ୩୭୧ ରହିଛି । ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି, ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଘନ କୁହୁଡ଼ି ପରିଲକ୍ଷିତ ହେବା ସହ ଏହା ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ରହିବ ।